କେ.ସି.ଜି. ଭର୍ଘିସ୍

ବନାମ

କେ.ଟି. ରାଜେନ୍ଦ୍ରନ ଏବଂ ଅନ୍ୟଜଣେ

24 ଜାନୁଆରୀ, 2003

[ଏସ୍. ରାଜେନ୍ଦ୍ର ବାବୁ, ଡି.ଏମ୍. ଧର୍ମାଧିକାରୀ ଏବଂ

ଜି.ପି. ମାଥୁର, ନ୍ୟାୟମୂର୍ତ୍ତିବୃନ୍ଦ]

*ଭଡ଼ା ଏବଂ ଉଚ୍ଛେଦ:*

*ଭଡ଼ାଟିଆଙ୍କ ଉଚ୍ଛେଦ -ଭଡ଼ାଟିଆଙ୍କ ଭାଇଙ୍କ ଦଖଲରେ ଥିବା ଭଡ଼ାଟିଆ ଘରର କିଛି ଅଂଶ -ଭଡ଼ାଟିଆଙ୍କ ଭାଇଙ୍କୁ ବାହାର କରିବା -ଭଡ଼ାଟିଆଙ୍କ ଅପିଲ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ- ନିର୍ଦ୍ଦିଷ୍ଟ ତାରିଖରେ କିମ୍ବା ପୂର୍ବରୁ ଜମି ମାଲିକଙ୍କୁ ପରିସର ହସ୍ତାନ୍ତର କରିବାକୁ ଭଡ଼ାଟିଆଙ୍କ ଦ୍ୱାରା ଏକ ପ୍ରତିଶ୍ରୁତିପତ୍ର ଦାଖଲ -ପରେ ଭଡ଼ାଟିଆ ଘର ମାଲିକଙ୍କୁ ତାଙ୍କ ଭାଇଙ୍କ ଦଖଲରେ ଥିବା ଅଂଶ ବ୍ୟତୀତ ତାଙ୍କ ଦଖଲରେ ଥିବା ମକଦ୍ଦମାଭୁକ୍ତ ପରିସରର ଅଂଶ ଖାଲି କରିଥିବା ସୂଚନା ଦେଇଥିଲେ -ଘର ମାଲିକଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଭଡ଼ାଟିଆ ଏବଂ ତାଙ୍କ ଭାଇଙ୍କ ବିରୋଧରେ ଅବମାନନା ଆବେଦନ ଦାଖଲ -ଭଡ଼ାଟିଆଙ୍କ ଭାଇ ଯୁକ୍ତି ବାଢ଼ିଥିଲେ ଯେ ସେ ଏହି ମାମଲାରେ ପକ୍ଷ ନ ଥିବାରୁ ଅବମାନନା ପାଇଁ ଉତ୍ତରଦାୟୀ ନୁହଁନ୍ତି - ନିର୍ଣ୍ଣୟ ହେଲା, ଭଡ଼ାଟିଆଙ୍କ ଭାଇଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନ ଖାରଜ -ତଥାପି, ଅଦାଲତରେ ପ୍ରତିଶ୍ରୁତିପତ୍ର ଦାଖଲ କରିବା ସମୟରେ ଭଡ଼ାଟିଆ ସୂଚିତ କରିନଥିଲେ ଯେ ତାଙ୍କ ଭାଇ ମକଦ୍ଦମାଭୁକ୍ତ ଘରର କିଛି ଅଂଶ ଦଖଲ କରିଛନ୍ତି କିମ୍ବା କାର୍ଯ୍ୟାନୁଷ୍ଠାନର କୌଣସି ପର୍ଯ୍ୟାୟରେ ଏପରି ଆଭିମୁଖ୍ୟ ଗ୍ରହଣ କରାଯାଇ ନାହିଁ-ତେଣୁ ଭଡ଼ାଟିଆଙ୍କ ବିରୁଦ୍ଧରେ ଦିଆଯାଇଥିବା ଉଚ୍ଛେଦ ଆଦେଶ ତାଙ୍କ ଭାଇଙ୍କ ଉପରେ ସମାନ ଭାବରେ ବାଧ୍ୟତାମୂଳକ -ଏହା ବ୍ୟତୀତ, ଭଡାଟିଆ ଘର ସମ୍ବନ୍ଧରେ ନିଷ୍ପାଦିତ କ୍ଷମତାପତ୍ରରେ, ଘର ଉପରେ ଭଡାଟିଆଙ୍କ ଭାଇଙ୍କ ସ୍ୱାଧୀନ ଅଧିକାରର କୌଣସି ଉଲ୍ଲେଖ ନଥିବାରୁ, ଘର ଖାଲି କରିବା ପାଇଁ ତାଙ୍କର ଆପତ୍ତିକୁ ଅଗ୍ରାହ୍ୟ କରାଯାଇଛି -ଆବଶ୍ୟକ ହେଲେ, ନଗର ଦେୱାନୀ ଏବଂ ଦୌରା ନ୍ୟାୟାଳୟର ପ୍ରମୁଖ ବିଚାରପତି ପୋଲିସ ସହାୟତାରେ ଭଡ଼ାଟିଆଙ୍କ ଭାଇଙ୍କୁ ଘର ପରିସରରୁ ବାହାର କରିବାକୁ ପଦକ୍ଷେପ ନେବେ-ଅଦାଲତ ଅବମାନନା ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଅବମାନନା ଆବେଦନ ସଂଖ୍ୟା 280-281/2000 ।

ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 5393-94/1999 ରେ ।

1995ର ସି.ଆର.ପି. 1001 ଏବଂ 1002ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 24.3.1999 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ମହାବୀର ସିଂ, ଅଜୟ ପାଲ୍, ଟି.ଭି. ଜର୍ଜ ଏବଂ ରାକେଶ ଦହିୟା ।

ଉତ୍ତରଦାତାମାନଙ୍କ ପାଇଁ ଏ.ଟି.ଏମ୍. ସମ୍ପଥ ଏବଂ ଅଜିତ କୁମାର ସିହ୍ନା ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ** । ଭଡ଼ା ନିୟନ୍ତ୍ରକଙ୍କ ଦ୍ୱାରା RCOP ନଂ. 3598/86 ରେ ତାଙ୍କ ବିରୁଦ୍ଧରେ ଗୃହୀତ ଏକ ଉଚ୍ଛେଦ ଆଦେଶ ଉପରେ, ଅବମାନନାକାରୀ ସଂଖ୍ୟା 1-କେ.ଟି. ରାଜେନ୍ଦ୍ରନ-ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ 1995 ମସିହାର ସି.ଆର୍.ପି. ନଂ. 1001-1002 ଦାଖଲ କରିଥିଲେ ଏବଂ ଏହାକୁ ଖାରଜ କରାଯିବା ପରେ, 1999 ମସିହାର ବିଶେଷ ଅନୁମତି ଆବେଦନ ସଂଖ୍ୟା 5393-94 ଏହି ନ୍ୟାୟାଳୟରେ ଦାୟର କରିଥିଲେ । 31.1.2000 ରେ ଏହି ନ୍ୟାୟାଳୟ ଉକ୍ତ ଆବେଦନକୁ ଖାରଜ କରି ଏକ ଆଦେଶ ଦେଇଥିଲେ, ତଥାପି, ସେହି ତାରିଖଠାରୁ ଦୁଇ ସପ୍ତାହ ମଧ୍ୟରେ ଦାଖଲ ହୋଇଥିବା ସାଧାରଣ ପ୍ରତିଶ୍ରୁତିପତ୍ର ସାପେକ୍ଷେ ଏବଂ ଅବମାନନାକାରୀ ନଂ 1 କୁ ମକଦ୍ଦମାଭୁକ୍ତ ଘର, ଅର୍ଥାତ୍ ନଂ 7, IV ମେନ୍ ରୋଡ୍, ଗାନ୍ଧୀ ନଗର, ଆଦ୍ୟାର୍ 600020, ଖାଲି କରିବାକୁ ଛଅ ମାସ ସମୟ ଦିଆଯାଇଥିଲା । ସେ 7.2.2000 ତାରିଖରେ ଏକ ସତ୍ୟପାଠ ଆକାରରେ ଏକ ପ୍ରତିଶ୍ରୁତିପତ୍ର ଦାଖଲ କରିଥିଲେ ଯେଉଁଥିରେ କୁହାଯାଇଥିଲା ଯେ 'ସେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମକଦ୍ଦମାଭୁକ୍ତ ପରିସରରେ ସାମିଲ କରିବେ ନାହିଁ ଏବଂ 31 ଜୁଲାଇ, 2000 ରେ କିମ୍ବା ପୂର୍ବରୁ ଉକ୍ତ ସ୍ଥାନର ଖାଲି ଏବଂ ଶାନ୍ତିପୂର୍ଣ୍ଣ ଅଧିକାର ଜମିମାଲିକ/ଉତ୍ତରଦାତାମାନଙ୍କୁ ହସ୍ତାନ୍ତର କରିବେ' । ଏହା ପରେ, 29.6.2000 ରେ ସେ ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ ଯେ ସେ ପରିସରରେ ତାଙ୍କ ଦଖଲରେ ଥିବା ଅଂଶ ନଂ. 7, IV ମେନ୍ ରୋଡ୍, ଗାନ୍ଧୀ ନଗର, ଆଦ୍ୟାର୍-600 020 ଖାଲି କରିଦେଇଛନ୍ତି ଏବଂ ଅବଶିଷ୍ଟ ଅଂଶ ତାଙ୍କ ଭାଇ କେ. ଟି. ଭାସ୍କରନଙ୍କ ସହିତ ଏକ ବିକ୍ରୟ ଚୁକ୍ତିନାମା ଅନୁଯାୟୀ ତାଙ୍କ ଦଖଲରେ ଅଛି । 1.7.2000 ତାରିଖରେ ତାଙ୍କ ଚିଠି ମାଧ୍ୟମରେ ସେ ଏହା ମଧ୍ୟ ଜଣାଇଥିଲେ ଯେ ସେ କେ.ଟି. ଭାସ୍କରନଙ୍କ ସହ ଦଖଲ ହସ୍ତାନ୍ତର ପ୍ରଦାନ ପାଇଁ ଆଲୋଚନା କରୁଛନ୍ତି କିନ୍ତୁ ସେ ତାଙ୍କ ସହିତ ବିକ୍ରୟ ଚୁକ୍ତିନାମା ପାଳନ କରିବାକୁ ଜିଦ୍ ଧରିଛନ୍ତି ଏବଂ ଏଥିପାଇଁ ସେ ପାରସ୍ପରିକ ବନ୍ଧୁମାନଙ୍କ ମାଧ୍ୟମରେ ତାଙ୍କୁ ମନାଇବାକୁ ଚେଷ୍ଟା କରିବେ ।

ଏହି ତଥ୍ୟ ଉପରେ, ଅଭିଯୋଗକାରୀ ଏହି ଅଭିଯୋଗ ଆଣିଥିଲେ ଯେ ଅବମାନନାକାରୀ ନଂ.1 ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶକୁ ପାଳନ କରିନାହାଁନ୍ତି ଏବଂ ଅବମାନନାକାରୀ ନଂ. 2 ପ୍ରଥମ ଅବମାନନାକାରୀଙ୍କୁ ମକଦ୍ଦମାଭୁକ୍ତ ପରିସର ହସ୍ତାନ୍ତର ନକରିବାରେ ସାହାଯ୍ୟ କରୁଛନ୍ତି । ଅବମାନନାକାରୀ

ନଂ. 1 ଆମ ସମ୍ମୁଖରେ ଯେଉଁ ଆଭିମୁଖ୍ୟ ରଖିଛନ୍ତି ତାହା ପୂର୍ବରୁ କୁହାଯାଇଥିବା ପରି ସମାନ ଯେ ତାଙ୍କ ଦଖଲରେ ଥିବା ଘରର କିଛି ଅଂଶ ତାଙ୍କ ଦ୍ୱାରା ଖାଲି କରାଯାଇଛି ଏବଂ ଅନ୍ୟ ଅଂଶ ଖାଲି କରାଯାଇନାହିଁ କାରଣ ଏହା ତାଙ୍କ ଦଖଲରେ ନାହିଁ ବରଂ ତାଙ୍କ ଭାଇ କେ.ଟି. ଭାସ୍କରନଙ୍କ ଦଖଲରେ ଅଛି । ଉକ୍ତ କେ.ଟି. ଭାସ୍କରନ୍, ଅବମାନନାକାରୀ ନଂ.2, ଏହି ମତ ରଖିଥିଲେ ଯେ ସେ କେ.ଟି. ରାଜେନ୍ଦ୍ରନଙ୍କ ବିରୁଦ୍ଧରେ ଅଭିଯୋଗକାରୀଙ୍କ ଦ୍ୱାରା ଏହି ନ୍ୟାୟାଳୟରେ ଦାୟର କରାଯାଇଥିବା ବିଶେଷ ଅନୁମତି ଆବେଦନରେ କିମ୍ବା ପୂର୍ବ କୌଣସି କାର୍ଯ୍ୟାନୁଷ୍ଠାନରେ ଜଣେ ପକ୍ଷ ନୁହଁନ୍ତି ଏବଂ ସେଥିପାଇଁ, ଏହି ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ଅବମାନନା କରିବାର ପ୍ରଶ୍ନ ଆଦୌ ଉଠିପାରିବ ନାହିଁ; ଏହି ଅଟ୍ଟାଳିକାରେ ତଳ ମହଲା, ପ୍ରଥମ ମହଲା ଏବଂ ଦ୍ୱିତୀୟ ମହଲା ରହିଛି ଏବଂ ସେ 1989 ମସିହାରୁ ଅଭିଯୋଗକାରୀ ଏବଂ ଅଭିସାକ୍ଷୀଙ୍କ ମଧ୍ୟରେ ମୌଖିକ ଚୁକ୍ତିନାମା ଅନୁଯାୟୀ ସ୍ୱାଧୀନ ଅଧିକାର ମାଧ୍ୟମରେ ତଳ ମହଲାକୁ ଦଖଲ କରିଆସୁଛନ୍ତି, ଯେଉଁଥିପାଇଁ ବିକ୍ରୟ ବାବଦକୁ 1,50,000 ଟଙ୍କା ନଗଦ ଆକାରରେ ପ୍ରଦାନ କରାଯାଇଥିଲା; ଏହି ତଥ୍ୟକୁ ଲୁଚାଇ ରଖାଯାଇଥିଲା ଏବଂ କେ.ଟି. ଭାସ୍କରନଙ୍କ ବିରୋଧରେ ଅଭିଯୋଗକାରୀ ଏକ ଭଡ଼ା ନିୟନ୍ତ୍ରଣ ମୂଳ ଆବେଦନ ଦାଖଲ କରିଛନ୍ତି କିନ୍ତୁ ସେ ଏହି ଅଦାଲତରେ ଦାଖଲ ହୋଇଥିବା ଏହି ଅବମାନନା ଆବେଦନର ସୁବିଧା ଉଠାଇବାକୁ ଚାହୁଁଥିବାରୁ ସେ ଏହାକୁ ଅନୁସରଣ କରିନଥିଲେ; ତାଙ୍କ ସ୍ୱାଧୀନ ଅଧିକାରକୁ ଦୃଷ୍ଟିରେ ରଖି ତାଙ୍କର ସ୍ଥାନ ଖାଲି କରିବାର ପ୍ରଶ୍ନ ଉଠୁନାହିଁ ଏବଂ ଅଭିଯୋଗକାରୀଙ୍କୁ ସ୍ୱାଧୀନ ଭାବରେ ତାଙ୍କ ବିରୁଦ୍ଧରେ ତାଙ୍କର ଅଧିକାର ନିର୍ଦ୍ଧାରଣ କରିବାକୁ ପଡିବ । ଦ୍ୱିତୀୟ ଅବମାନନାକାରୀ କେ.ଟି. ଭାସ୍କରନ ଏହି କାର୍ଯ୍ୟାନୁଷ୍ଠାନରେ ପକ୍ଷ ନ ଥିବାରୁ, ଆମେ ତାଙ୍କୁ ଏହି ଅବମାନନା ଆବେଦନ ଗୁଡିକର କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରିଛୁ ।

ଅବମାନନାକାରୀ ନଂ. 1ଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବେ ଗ୍ରହଣୀୟ ନୁହେଁ । ଯେତେବେଳେ ତାଙ୍କ ଦ୍ୱାରା ଅଦାଲତକୁ ପ୍ରତିଶ୍ରୁତିପତ୍ର ଦିଆଯାଇଥିଲା, ସେତେବେଳେ ସେ ଦର୍ଶାଇନଥିଲେ ଯେ ସେ ପରିସରର ଏକ ଅଂଶର ଦଖଲରେ ଅଛନ୍ତି ଏବଂ ପରିସରର ଅନ୍ୟ ଅଂଶରେ ନୁହେଁ କିମ୍ବା ଉଚ୍ଚ ନ୍ୟାୟାଳୟ କିମ୍ବା ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ ଉଠାଯାଇଥିବା କୌଣସି ଯୁକ୍ତିରେ ଏପରି ଆଭିମୁଖ୍ୟ ଗ୍ରହଣ କରାଯାଇ ନାହିଁ । ଏହି ପରିସ୍ଥିତିରେ, ଆମକୁ ଏହା ଧରିବାକୁ ପଡିବ ଯେ ପ୍ରଥମ ଅବମାନନାକାରୀଙ୍କ ବିରୋଧରେ ଜାରି କରାଯାଇଥିବା ଉଚ୍ଛେଦ ଆଦେଶ ଅବମାନନାକାରୀ କେ.ଟି. ଭାସ୍କରନଙ୍କ ପାଇଁ ସମାନ ଭାବରେ ବାଧ୍ୟତାମୂଳକ, ବାସ୍ତବରେ, ଘର, ଜମି ଏବଂ ପରିସର ସଂଖ୍ୟା 7 IV ମୁଖ୍ୟ ରାସ୍ତା, ଗାନ୍ଧୀ ନଗର, ଆଡ୍ୟାର୍-600 020ର ଭଡା ସମ୍ପର୍କିତ ସମସ୍ତ ପ୍ରସଙ୍ଗରେ ସମାଧାନ ପାଇଁ ଅବମାନନାକାରୀ ନଂ 1, କେ.ଟି. ରାଜେନ୍ଦ୍ରନଙ୍କ ଦ୍ୱାରା କେ.ଟି. ଭାସ୍କରନଙ୍କ ସପକ୍ଷରେ ଏକ କ୍ଷମତା ପତ୍ର ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନର ମାମଲାରେ ଭଡା ପରିସର ଅଟେ, ସେହି ଦସ୍ତାବିଜରେ ବର୍ତ୍ତମାନ ଦାବି କରାଯାଇଥିବା ପରି

ତାଙ୍କର ସ୍ୱାଧୀନ ଅଧିକାର ବିଷୟରେ କୌଣସି ଉଲ୍ଲେଖ ନାହିଁ । ଏହି ପରିସ୍ଥିତିରେ, ସମ୍ପୃକ୍ତ ପରିସର ଖାଲି କରିବା ପାଇଁ ଉକ୍ତ କେ.ଟି. ଭାସ୍କରନଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତିଗୁଡ଼ିକୁ ଆମେ ଅଗ୍ରାହ୍ୟ କରୁଛୁ ।

ତେଣୁ, ଆମେ ନିର୍ଦ୍ଦେଶ ଦେଉଛୁ ଯେ, ମୁଖ୍ୟ ବିଚାରପତି, ନଗର ଦେୱାନୀ ଏବଂ ଦୌରା ନ୍ୟାୟାଳୟ, ଆବଶ୍ୟକ ହେଲେ, ପୋଲିସ ସହାୟତାରେ ଉକ୍ତ କେ.ଟି. ଭାସ୍କରନଙ୍କୁ ଉକ୍ତ ପରିସରରୁ ବାହାର କରିବା ପାଇଁ ପଦକ୍ଷେପ ନେବେ ଏବଂ ଏହି କାର୍ଯ୍ୟରେ ସମସ୍ତ ପ୍ରତିବନ୍ଧକ ଦୂର କରି ଅଭିଯୋଗକାରୀଙ୍କୁ ଦଖଲ ଅଧିକାର ପ୍ରଦାନ କରିବେ ଏବଂ ଏହି ଆଦେଶ ପାଳନ କରିବା ପରେ ଜଣାଇବେ ।

ଆର୍.ପି. ଭଡ଼ାଟିଆଙ୍କ ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।